# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଏକ ଧର୍ମଯାଜକ ଯୀଶୁଙ୍କୁ ଭେଟିବାକୁ ଆସିଲେ


ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଅନୁବାଦକ: Prasanta Bhuyan

ଉପ୍ରଯୋଜକ: M. Maillot; Sarah S.


କାହାଣୀ ୬୦ ରୁ ୪୧


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya

ଯେତେବେଳେ ଯୀଶୁ ମନ୍ଦିରକୁ ଗଲେ, ସେ ଲୋକମାନଙ୍କୁ ପରମେଶ୍ୱରଙ୍କ ଗୃହକୁ ଅଶୁଚି କରୁଥିବାର ଦେଖିଲେ, ସେମାନେ ମନ୍ଦିର ଭିତରେ ପଶୁପକ୍ଷି କ୍ରୟ ବିକ୍ରୟ ଓ ମୁଦ୍ରା ବ୍ୟବସାୟ କରୁଥିଲେ ।





ସେ ସମାନଙ୍କୁ ନିୟମକୁ ମନେ କରାଇଲେ, ଯୀଶୁ ସେହି ବେପାରିମାନଙ୍କୁ ମନ୍ଦିରରୁ ବାହାରକୁ ତଡ଼ିଦେଲେ । ଏହି ସମସ୍ତ ବାହାରକୁ ନେଇଯାଅ, ସେ ଆଜ୍ଞା ଦେଲେ । ମୋହର ପିତାଙ୍କ ଗୃହକୁ ବ୍ୟାବସାୟ ସ୍ଥଳୀ କରନାହିଁ । ଯୀଶୁ ତାଙ୍କ ପିତାଙ୍କ ଗୃହକୁ ଆଦର କରୁଥିଲେ ।





ଧର୍ମଗୁରୁମାନେ ପଚାରିଲେ
ଯେଉଁ ଅଧିକାରରେ ତୁମେ
ମନ୍ଦିରକୁ ପରିଷ୍କାର କରୁଅଛ
ତାହାର ପ୍ରମାଣାର୍ଥେ ଏକ ଚିହ୍ନ
ଦେଖାଅ ବୋଲି ଦାବୀ କଲେ ।
ଏହି ମନ୍ଦିରକୁ ନାସ କର ଓ
ମୁ ଏହାକୁ ତୃତୀୟ ଦୀନରେ
ଉତ୍‌ଥାନ କରିବି, ଯୀଶୁ
କହିଲେ । ଅସମ୍ଭବ, ସେହି
ମନ୍ଦିର ଗଢ଼ିବାକୁ ପ୍ରାୟ
ଛୟାଳିଶ ବର୍ଷ ଲାଗିଥିଲା ।

3

କିନ୍ତୁ ଯୀଶୁ ନିଜ ଶରିର ବିଷୟରେ ଏହା
କହିଥିଲେ । ମନ୍ଦୀର ପରି, ତାଙ୍କର ଶରୀର
ପରମେଶ୍ୱରଙ୍କ ବାସସ୍ଥାନ,  ଯଦିବା ଯୀଶୁ
ଯେ କୃଶରେ ହତ ହେବେ ଓ ତୃତୀୟ
ଦୀନରେ ପରମେଶ୍ୱର ତାଙ୍କୁ ମୃତୁରୁ
ଉଠାଇବେ ଏହା ସେ ଜାଣିଥିଲେ ।



4



ରାତ୍ର ସମୟରେ, ଜଣେ
ଧର୍ମଯାଜକ ଯୀଶୁଙ୍କୁ
ଭେଟିବାକୁ ଆସିଲେ । ସେ
ଯେ ପରମେଶ୍ୱରଙ୍କଠାରୁ
ପ୍ରେରିତ ଏହା ସେ ତାଙ୍କ
ଆଶ୍ଚର୍ଯ୍ୟ କର୍ମରୁ ଜାଣିଥିଲେ ।
ନିକଦୀମ ପରମେଶ୍ୱରଙ୍କ
ବିଷୟରେ ଅଧିକ ଜାଣିବା
ନିମନ୍ତେ ଯୀଶୁଙ୍କ ନିକଟକୁ
ଆସିଲେ ।

5



ଯୀଶୁ ନିକଦୀମଙ୍କୁ କହିଲେ ଯଦି
କେହି ପୁନର୍ବାର ଜନ୍ମ ନହେଲେ
କେହି ପରମେଶ୍ୱରଙ୍କ ରାଜ୍ୟକୁ
ଯାଇ  ପାରେନାହିଁ । ନିକଦୀମ
କିଛି ବୁଝି ପାରିଲେ ନାହିଁ ।
କିପରି ଭାବରେ ଜଣେ
ବୃଦ୍ଧାଲୋକ ପୁଣିଥରେ ଛୋଟ
ପିଲା ହୋଇପାରେ, ସେ ମଧ୍ୟ
ଏକ ଧର୍ମାବଲମ୍ବୀ ଥିଲେ । ତାହା
କଣ ଯଥେଷ୍ଟ ନଥିଲା ।

6



ଯାହା ଆତ୍ମାରୁ ଜାତ ତାହା
ଆତ୍ମା ଅଟେ, ଯୀଶୁ ତାଙ୍କୁ
ବୁଝାଇଲେ । ପରମେଶ୍ୱରଙ୍କ
ଆତ୍ମା ବାୟୁ ପରି ଅଟଇ ।
ଲୋକେ ତାହା ଦେଖନ୍ତି ନାହିଁ
କିମ୍ବା ବୁଝିପାରନ୍ତି ନାହିଁ ।
ସେମାନେ କେବଳ ବାୟୁ ଯାହା
କରେ ତାହା ଦେଖନ୍ତି ।

7



ଯୀଶୁ ନିକଦୀମଙ୍କୁ ସେହି ଇସ୍ରାଏଲ୍ ସନ୍ତାନ ମାନଙ୍କ ବିଷୟରେ କହିଲେ
ଯେଉଁମାନେ କି ଅନେକ ବର୍ଷ ଆଗରେ ମୋଶାଙ୍କୁ ଅଭିଯୋଗ କଲେ ।
ସେମାନେ କହିଲେ ଆମ୍ଭମାନଙ୍କ ପାଖରେ ଖାଦ୍ୟ ନାହିଁ, ପାଣି
ନାହିଁ, ଏବଂ ଆମ୍ଭେ ପରମେଶ୍ୱରଙ୍କ ଦତ୍ତ ଖାଦ୍ୟକୁ ଘୃଣା କରୁ ।

8


ଲୋକମାନଙ୍କର ଏହି ପାପହେତୁ ପରମେଶ୍ୱର
କ୍ରୋଧକଲେ । ସେ ଅଗ୍ନିସମ ସର୍ପ ସେମାନଙ୍କ ମଧ୍ୟକୁ
ପ୍ରେରଣ କଲେ । ଅନେକଙ୍କୁ ସର୍ପ କାମୁଡ଼ିଲେ । ସର୍ପ
କାମୁଡ଼ାରେ ଅନେକେ ପ୍ରାଣ ହରାଇଲେ ।
9


ଆମ୍ଭେମାନେ ପାପ କରିଅଛୁ । ପ୍ରାର୍ଥନା କର ଯେପରି
ପରମେଶ୍ୱର ଏହି ସର୍ପମାନଙ୍କୁ ଉଠାଇନେବେ,
ଲୋକମାନେ ଅନୁରୋଧ କଲେ । ତେଣୁ ମୋଶା
ସେମାନଙ୍କ ନିମନ୍ତେ ପ୍ରାର୍ଥନା କଲେ । କିନ୍ତୁ
ପରମେଶ୍ୱର ସର୍ପମାନଙ୍କୁ ନେଲେ ନାହିଁ ।
10


ପରମେଶ୍ୱର ମୋଶାଙ୍କୁ କହିଲେ ଅଗ୍ନିସମ ସର୍ପ
ନିର୍ମାଣକରି ତାହା ଏକ କାଠରେ ସଜାଇ ଉପରକୁ
ଉଠାଅ । ଯେ ସମସ୍ତେ ସର୍ପାଘାତ ହୋଇଛନ୍ତି ଯଦି କେହି
ସେହି ଉପରକୁ ଉଠିଥିବା ସର୍ପକୁ ଦେଖିବେ ତେବେ ବଂଞ୍ଚି
ପାରିବେ, ପରମେଶ୍ୱର ପ୍ରତିଜ୍ଞା କଲେ ।
11


ମୋଶା ପିତଳରେ ଏକ ସର୍ପ ନିର୍ମାଣ
କଲେ ଯେଉଁମାନେ ତାହା ଦେଖିଲେ
ସେ ସମସ୍ତେ ସୁସ୍ଥତା ପାଇଲେ ।
12


ଯୀଶୁ ନିକଦୀମଙ୍କୁ କହିଲେ,
ମନୁଷ୍ୟ ପୁତ୍ର ମଧ୍ୟ ନିଶ୍ଚିତ
ଭାବରେ ସେହି ପିତଳ
ସର୍ପ ପରି ଉପରକୁ
ଉଠାଯିବେ ।
13


ଯୀଶୁ ସେହି କ୍ରୃଶ ବିଷୟରେ
କହୁଥିଲେ ଯେଉଁଠାରେ
ସେ ପାପିମାନଙ୍କ
ନିମନ୍ତେ ମରିବାକୁ
ଯାଉଛନ୍ତି ।
14













ଏକ ଧର୍ମଯାଜକ ଯୀଶୁଙ୍କୁ ଭେଟିବାକୁ ଆସିଲେ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯୋହନ ୨-୩, ଗଣନାପୁସ୍ତକ ୨୧

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଆଉ ତାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଈଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଈଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଈଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।